# Akashvani, Sambalpur

## SAMBALPURI NEWS BULLETIN

### 7 April 2024- 6.47- 6.52 am.

********************************************

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ ପି.ଆଇ.ବି.

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ର ଶହେ ଦିନ୍‌ର କାଉଂଟ୍‌ଡାଉନ୍ ଅବ୍‌ସରେ ଆଏଜ୍ ମହାରାଷ୍ଟ୍ରର୍ ପୁନେ ଠାନେ ୭୫ ନମ୍ବର୍ ଦିନ୍‌ର କାଉଂଟ୍‌ଡାଉନ୍‌ଥି ୫ ହଜାର୍‌ନୁ ଅଏତ୍‌କା ଯୋଗପ୍ରେମୀ ଅଂଶଗ୍ରହଣ୍ କର୍‌ବେ । ସାମଗ୍ରୀକ ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍ ଆଭିମୁଖ୍ୟ ଉପ୍‌ରେ ଜୋର୍ ଦେବାର୍ ସହେତେ ଯୋଗର ଶକ୍ତିକେ ନଜର୍‌ଥି ରଖିକରି ଇ ମହୋତ୍ସବ୍‌ଥି ଗ୍ରାମପ୍ରଧାନ୍, ଅଙ୍ଗନବାଡ଼ି ଆଉ ଆଶା କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଆୟୁସ୍ ସ୍ୱାସ୍ଥ୍ୟ କଲ୍ୟାଣ୍ କେନ୍ଦ୍ର ମହିଳା କଲ୍ୟାଣ ସଂଗଠନ୍, ସ୍କୁଲ୍ ଛାତ୍ରଛାତ୍ରୀ ଆଉ ଅଲ୍‌ଗାମାନେ ଅଂଶଗ୍ରହଣ୍ କର୍‌ବେ ବଲି ଜନାପଡ଼ିଛେ । ଆୟୁସ୍ ମନ୍ତ୍ରଣାଳୟ - ମୋରାର୍‌ଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ୍ ସାଙ୍ଗେ ମିଶିକରି ଗଲାମାସର୍ ୧୩ ତାରିଖ୍‌ନୁ ଆଏବା ଜୁନ୍ ମାସର୍ ୨୧

ତାରିଖ୍‌ତକ୍ ଦେଶର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ୍ ଆର୍ କଲେଜ୍‌ର ସାହାଜିଥି 'ଶହେ ଦିନ୍- ଶହେ ସହର୍ ଆଉ ଶହେ ସଂଗଠନ୍' ଅଭିଯାନ୍ ଆୟୋଜନ୍ କରୁଛେ ।

ମୁଖ୍ୟ ଶାସନ୍ ସଚିବ ଆର୍‌ଏନ୍‌ୟୁ / ସମ୍ବଲପୁର

ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ରାଜ୍ୟର୍ ଥିତିର ସମୀକ୍ଷା କର୍‌ବାର୍ ସଙ୍ଗେ ଦର୍‌କାରୀ ସତର୍କତାମୂଳକ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଛନ୍ । ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀ ମାନ୍‌କର୍ ଉପସ୍ଥିତିଥି ହେଇଥିବା ବୈଠକ୍ ନ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍ ମାନେ ଆଭାସୀ ଜରିଏ ଭାଗ୍ ନେଇଥିଲେ । ବୈଠକ୍‌ଥି ରାଏଜେ ଗ୍ରୀଷ୍ମପ୍ରବାହର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆୟିବାର୍‌କେ ନିଷ୍ପତି ହେଇଛେ । ସୂଚ୍‌ନା ଅନ୍‌ସାରେ ଇହାଛିନି ନିର୍ବାଚନ ଚାଲିଥିବାର୍‌ନୁ ରାଜନୈତିକ ଦଲ୍‌ମାନେ ଖୁଲା ଜାଗା ନ ଖୋବ୍ ସମିଆ ଧରିକରି ସଭା ନାଇଁ କର୍‌ବାର୍‌କେ ପରାମର୍ଶ ଦିଆୟାଇଛେ । ସେନ୍ତା ସଖାଲର୍ ୧୧ ନୁ ଉପର୍‌ବେଲା ସାଢ଼େ ୩ ବଜାତକ୍ ଶ୍ରମିକ୍‌ମାନେ ଯେନ୍ତା ଅଏତ୍‌କା ଖରାଥି କାମ୍ ନାଇଁ କର୍‌ବେ ହେଟା ତଦାରଖ୍ କର୍‌ବାର୍‌କେ କୁହାୟାଇଛେ ।

ପିଇବାର୍ ପାଏନ୍‌କେ ପ୍ରାଥମିକତା ଦିଆଯିବାର୍‌କେ ସବୁ ଜାଗା ନ ପାଏନ୍ ଛତର୍ ଖୁଲ୍‌ବାର୍‌କେ କୁହାଯାଇଛେ । ଯାତ୍ରୀବାହୀ ବସ୍ ମାନ୍‌କୁ ପିଇବାର୍ ପାଏନ୍, ଓଆର୍‌ଏସ୍ ପେକେଟ୍ ଆର୍ ପ୍ରାଥମିକ ଚିକିତ୍ସା ବାକସ୍ ରଖିବାର୍‌କେ କୁହାଯାଇଛେ । ଡାକ୍ତରଖାନାମାନ୍‌କୁ ଜେନେରେଟର୍ ରଖାଯିବାର୍ ସଙ୍ଗେ ଅଂଶୁଘାତ ମୁକାବିଲା ଲାଗି ଶଯ୍ୟା ପ୍ରସ୍ତୁତ୍ ରଖିବାର୍‌କେ ପରାମର୍ଶ ଦିଆଯାଇଛେ । ସ୍କୁଲ୍‌ମାନ୍‌କୁ ଭିଲ୍ ପିଇବାର୍ ପାଏନ୍ ଆର୍ ଓଆର୍‌ଏସ୍ ପେକେଟ୍ ରଖାଯିବାର୍‌କେ ପରାମର୍ଶ ଦିଆଯିବାର୍ ସହେତେ ବିଦ୍ୟୁତ୍ ସରବରାହ ନୁ ଜଳଯୋଗାଣ ଯେନ୍ତା ବନ୍ଦ୍ ନାଇଁ ହେବା ହେଥିର୍‌ଲାଗି ବିଦ୍ୟୁତ୍ ବିତରଣ୍ କମ୍ପାନୀ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଘରୋଇ ସ୍କୁଲ୍- ମାହାଲିଆ ନାଁ ଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଶିକ୍ଷା ଅଧିକାର୍ ଆଇନ୍- ଆର୍‌ଟିଆଇ ଅନ୍‌ସାରେ ଘରୋଇ ସ୍କୁଲ୍‌ମାନ୍‌କୁ ୨୫ ଭାଗ୍ ସିଟ୍‌ଥି ମାହାଲିଆ ନାଁ ଲେଖା ସମିଆକେ ବଢ଼ାଯାଇଛେ । ଇ ଯୋଜନାଥି ବଛାଯାଇଥିବା ଛୁଆକର୍ ଆଏବା ୨୬ ତାରିଖ୍ ଭିତ୍‌ରେ ନାଁ ଲେଖାଯାଇପାର୍‌ବା । ପ୍ରାଥମିକ ଶିକ୍ଷା

ନିର୍ଦ୍ଦେଶାଳୟ ତର୍ଫୁ ଇ ବାବ୍ଦେ ସବୁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଆର୍ ବ୍ଲକ୍ ଶିକ୍ଷା ଅଧିକାରୀମାନ୍କୁ ଚିଠି କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୪ ଶିକ୍ଷା ବଛ୍ରେ ଆର୍‌ଟିଆଇ ଅନ୍‌ସାରେ ଘରୋଇ ସ୍କୁଲ୍‌ମାନ୍‌କୁ ୨୫ ପ୍ରତିଶତ୍ ସିଟ୍‌ଥି ମାହାଲିଆ ନାଁଲେଖାର୍ ଲାଗି ଗଲା ମାର୍ଚ୍ଚ ୨୨ ତାରିଖ୍ ଦିନ ଲଟ୍‌ରୀ ହେଇଥିଲା । ହେଥି ବଛାଯାଇଥିବା ଛାତ୍ରଛାତ୍ରୀମାନ୍‌କୁ ଗଲାକାଏଲ୍‌ତକ୍ ସ୍କୁଲ୍‌ଥି ନାଁଲେଖାବାର୍‌କେ କୁହାଯାଇଥିଲା । ହେଲେ ଖୋବ୍‌ଟେ ଘରୋଇସ୍କୁଲ୍ ସିଟ୍ ନାଇଁନ ବଲି କହିକରି ଛୁଆକର୍ ନାଁ ନାଇଁ ଲେଖଉଥିବାର୍‌ନୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫୁ ନାଁ ଲେଖା ସମିଆକେ ବଢ଼ାଯାଇଛେ ।

ମେଟ୍ରିକ୍ ସାର୍ଟିଫିକେଟ୍ ଡିଜିଟାଇଜେସନ୍  ଆର୍‌ଏନ୍‌ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ - ବୋର୍ଡ୍ ତର୍ଫୁ ମେଟ୍ରିକ୍ ସାର୍ଟିଫିକେଟ୍ ଡିଜିଟାଇଜେସନ୍ କରାଯାଉଛେ । ଡିଜିଟାଇଜେସନ୍‌ଥି ସାର୍ଟିଫିକେଟ୍ ତିଆର୍ କର୍‌ବାର୍ ଆଘୋନୁ ପରୀକ୍ଷାର୍ଥୀଙ୍କର୍ ନାଁ, ବାପାଙ୍କର୍ ନାଁ ଆର୍ ଜନ୍ମ ତାରିଖ୍ ବାବଦ୍ ତ୍ରୁଟି ନାଇଁ ରହେବା

ହେଥିର୍‌ଲାଗି ସଂଶୋଧନ୍ କରେଇନେବାର୍‌କେ ବୋର୍ଡ୍ କାର୍ଯ୍ୟାଳୟ ନ ତ୍ରୁଟି ସଂଶୋଧନ୍ କେମ୍ପ୍ ଖୁଲାଯାଇଛେ । ହେ କେମ୍ପ୍ ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ସ୍କୁଲ୍‌ମାନ୍‌କୁ ପ୍ରଧାନ୍ ଶିକ୍ଷକ୍‌ମାନେ ହେ ସମିଆ ଭିତ୍‌ରେ ସେମାନ୍‌କର୍ ପରୀକ୍ଷାର୍ଥୀଙ୍କର୍ ତଥ୍ୟା ସାଙ୍ଗେ ତ୍ରୁଟି ସଂଶୋଧନ୍ ଲାଗି ଆବେଦନ୍ କରିପାର୍‌ବେ ବଲି କୁହାଯାଇଛେ ।

ଗଙ୍ଗାଧର୍ ମେହେରଙ୍କର୍ ଶ୍ରାଦ୍ଧ ଶତବାର୍ଷିକୀ

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ- ଜିଏମ୍‌ୟୁ ନ ସ୍ୱଭାବ କବି ଗଙ୍ଗାଧର୍ ମେହେରଙ୍କର୍ ଶ୍ରାଦ୍ଧ ଶତବାର୍ଷିକୀ ଅବ୍‌ସରେ ଚାଲିଥିବା ଶ୍ରଦ୍ଧାଶତକ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦଯାପନୀ ସମାରୋହଥି ଜନାଶୁନା ହିନ୍ଦୀ କବି ମୁମ୍ବାଇର୍ ଛତ୍ରପତି  ଶିବାଜୀ ମହାରାଜ ବିଶ୍ୱବିଦ୍ୟାଳୟର୍ କୁଳପତି କିଶୋରୀ ଲାଲ୍ ବର୍ମା ମୁଖ୍ୟଅତିଥି ଆଉର୍ କୋରାପୁଟ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର୍ ଡକ୍ଟର୍ ରୁଦ୍ରାଣୀ ମହାନ୍ତି ଆର୍ ମହାରାଜ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର୍ ଡକ୍ଟର୍ ବହ୍ରୁବାହନ ମହାପାତ୍ର ଆଲୋଚକ ଭାବେ ଯୋଗ୍ ଦେଇଥିଲେ ।

ଭିସୁଟ୍- ନୂଆଁ କୁଳପତି ନିଯୁକ୍ତି ଆର୍ଏନ୍ୟୁ / ସମ୍ବଲପୁର

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ଭିସୁଟ୍ର ଏଛ୍ନିର୍ କୁଳପତି ପ୍ରଫେସର୍ ବଂଶୀଧର୍ ମାଝୀଙ୍କର୍ କାର୍ଯ୍ୟକାଳ ସର୍ବାର୍କେ ଯାଉଥିବାର୍ନୁ ନୂଆଁ କୁଳପତି ନିଯୁକ୍ତିର୍ ଲାଗି ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ତର୍ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ନୂଆଁ କୁଳପତି ନିଯୁକ୍ତି ଲାଗି ବିଜ୍ଞପ୍ତି ବାହାରିଥିବାର୍ ବେଲେ ଆଏବା କାଏଲ୍ ଆବେଦନ୍ର ସମିଆ ଶେଷ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଫେସର୍ ମାଝୀ ୨୦୨୧ ମସିହାଥି ଭିସୁଟ୍ର କୁଳପତି ଭାବେ ନିଯୁକ୍ତି ପାଇଥିଲେ ।

ଅଂଶୁଘାତ୍ ମୁକାବିଲା-ଦେବ୍ଗଡ଼୍ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ନ ଗ୍ରୀଷ୍ମପ୍ରବାହ ଲାଗି ଅଂଶୁଘାତ୍ ମୁକାବିଲା ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍ଥି ସବୁ

ଡାକ୍ତର୍‌ଖାନାମାନ୍‌କୁ ଅଂଶୁଘାତ୍ ରୋଗୀଙ୍କର୍ ଚିକିତ୍ସା ଲାଗି ଖାସ୍ ବ୍ୟବସ୍ଥା କରାଯିବାର୍ ସଙ୍ଗେ ଆଏବା କାଏଲ୍‌ନୁ ଜିଲ୍ଲାର୍ ସ୍କୁଲ୍ ମାନ୍ ସଖାଲର୍ ସାଢ଼େ ୬ ନୁ ସାଢ଼େ ୧୦ ବଜାତକ୍ ପାଠ୍‌ପଢ଼ା କରାଯିବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସଙ୍ଗେ ଜିଲ୍ଲାର୍ ସବୁ ଇଲାକା ନ ପିଇବାର୍ ପାଏନ୍ ବ୍ୟବସ୍ଥା କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ଓଡ଼ିଶା ପ୍ରାନ୍ତୀୟ ମାର୍‌ୱାଡ଼ି ଯୁବାମଂଚ୍ ଅଧିବେଶନ୍ ଉଦ୍‌ଘାଟନୀ

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଓଡ଼ିଶା ପ୍ରାନ୍ତୀୟ ମାର୍‌ୱାଡ଼ି ଯୁବାମଂଚ୍‌ର ଅଧିବେଶନ୍‌ର ଉଦ୍‌ଘାଟନୀ ହେଇଯାଇଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମାର୍‌ୱାଡ଼ି ଯୁବା ମଂଚ୍ ସମାଜ୍ ନ ସେବା ଆର୍ ସଂସ୍କାର୍‌ର ପରମ୍ପରା ତିଆର୍ କରିଛେ ବଲି କହିଛନ୍ ।